୧୪ ଜୁନ୍ ୨୦୧୯ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ

ହଜରତ ମହମ୍ମଦ ସ.ଆଙ୍କ ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ପଦମର୍ଯ୍ୟାଦା ସମ୍ପର୍ଣ୍ଣ ବଦରୀ ସାହାବି ହଜରତ ଜୈଦ୍ ବିନ୍ ହାରସା ର.ଅଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ତଥା ହୃଦୟଗ୍ରାହୀ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ– ଗତ ଖୁତବାରେ ମୁଁ ହଜରତ ଜୈଦ୍ ବିନ୍ ହାରସା ର.ଅଙ୍କ ସମ୍ବନ୍ଧରେ ତାଇଫ୍‌ର ଯାତ୍ରା ଚର୍ଚ୍ଚା କରୁଥିଲି । ସେଥିସମ୍ବନ୍ଧରେ ଆଉ କିଛି ବ୍ୟାଖ୍ୟା ଯାହାକି ସିରତ୍ ଖାତମୁନ୍ ନବୀଇନ୍‌ରେ ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି ବର୍ଣ୍ଣନା କରିଦେଉଛି ।

ତାଇଫ୍ ଏକ ସୁପ୍ରସିଦ୍ଧ ଅଂଚଳ ଅଟେ । ଯାହାକି ମକ୍କା ଠାରୁ ଦକ୍ଷିଣ ପଶ୍ଚିମ ଦିଗରେ ୪୦ମିଲ ଦୂରରେ ଅବସ୍ଥିତ । ସେତେବେଳେ ସେଠାରେ ବନୁ ସକିଫ୍ ସମ୍ପ୍ରଦାୟର ଲୋକମାନେ ବାସ କରୁଥିଲେ । ଯଦି କାବାର ଗୁରୁତ୍ୱକୁ ଅଲଗା ରଖି ତୁଳନା କରାଯାଏ ତେବେ ତାଇଫ୍ ଓ ମକ୍କା ପରସ୍ପର ସମତୁଲ୍ୟ ସହର ହିଁ ଥିଲା । ସେଠାରେ ବଡ଼ ବଡ଼ ମାନ୍ୟଗଣ୍ୟ ଓ ଧନିକ ଶ୍ରେଣୀର ଲୋକମାନେ ବାସ କରୁଥିଲେ । ତାଇଫ୍‌ର ଏହି ବିଶେଷତ୍ୱ ମକ୍କାବାସୀ ମଧ୍ୟ ସ୍ୱୀକାର କରୁଥିଲେ । ବସ୍ତୁତଃ ଏହା ମକ୍କା ବାସୀଙ୍କର ହିଁ କଥନ ଯାହାକି ଅଲ୍ଲାଃତାଲା କୁରଆନ କରିମରେ ଦରଜ କରିଛନ୍ତି **ଲୌଲା ନୁଜ୍ଜିଲା ହାଜଲ୍ କୁରଆନୁ ଅଲା ରଜୁଲିମ୍ ମିନଲ୍ କର୍‌ୟାତୈନି ଅଜିମ୍** (ଯୁଖରୁଫ୍-୩୨) ଅର୍ଥାତ ଏହି କୁରଆନ ଈଶ୍ୱରଙ୍କ ନିକଟରୁ ମକ୍କା ଅବା ତାଇଫ୍‌ର କୌଣସି ସଂଭ୍ରାନ୍ତ ବର୍ଗ ବ୍ୟକ୍ତି ଉପରେ କାହିଁକି ଅବତୀର୍ଣ୍ଣ କରାଗଲା ନାହିଁ । ତେବେ ୧୦ ନବୀର ସଓ୍ୱାଲ୍ ମାସରେ ହଜରତ ମହମ୍ମଦ ସ.ଅ ତାଇଫ୍ ଅଭିମୁଖେ ବାହାରି ଯାଇଥିଲେ । କେତେକ ବର୍ଣ୍ଣନା ଅନୁଯାୟୀ ଆପଣ ଏକାକି ପ୍ରସ୍ଥାନ କରିବାର ଉଲ୍ଲେଖ ମଧ୍ୟ ମିଳୁଛି । ଆଉ କେତେକଙ୍କ ମତରେ ଜୈଦ୍ ବିନ୍ ହାରସା ଆପଣଙ୍କ ସାଥିରେ ଥିଲେ । ସେଠାରେ ଆପଣ ୧୦ଦିନ ଅବସ୍ଥାନ କରିଥିଲେ ଏବଂ ସହରର ପ୍ରତ୍ୟେକ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ଅଲଗା ଅଲଗା ସାକ୍ଷାତ କରି ଇସଲାମର ବାର୍ତା ପହଂଚାଇଲେ କିନ୍ତୁ ସେହି ସହରର ଦୁର୍ଭାଗ୍ୟ ମକ୍କା ପରି ସେହି ସମୟରେ ଇସଲାମ ସ୍ୱୀକାର କରିବା ତାହା ଭାଗ୍ୟରେ ନଥିଲା । ଅତଏବ ସେଠାରେ ସମସ୍ତେ (ଇସଲାମର) ଅସ୍ୱୀକାର କଲେ ବରଂ ଥଟ୍ଟା ପରିହାସ କଲେ । ଶେଷରେ ହଜୁର ସ.ଅ ତାଇଫ୍‌ର ଖ୍ୟାତି ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଅବଦୟା ଲୈଲଙ୍କ ନିକଟକୁ ଯାଇ ଇସଲାମ ସ୍ୱୀକାର କରିବାର ପ୍ରସ୍ତାବ ଦେଲେ କିନ୍ତୁ ସେ ମଧ୍ୟ ସ୍ପଷ୍ଟ ଶବ୍ଦରେ ପ୍ରତ୍ୟାଖାନ କରିଦେଲା ବରଂ ହଜୁର ସ.ଅଙ୍କର ପରିହାସ କରିଥିଲା । ଏଥିଅନ୍ତେ ମନ୍ଦ ଲୋକମାନେ ଦୁର୍ବୃତମାନଙ୍କୁ ଆପଣଙ୍କ ପଛରେ ଲଗାଇ ଦେଇଥିଲେ । ହଜରତ ମହମ୍ମଦ ସ.ଅ ସହରରୁ ବାହାରିବା ମାତ୍ରେ ସେମାନେ ଚିତ୍କାର କରିବା ସହ ଆପଣଙ୍କ ପଛରେ ଲାଗିଗଲେ ଏବଂ ଆପଣଙ୍କ ଉପରେ ଟେକା ପଥର ବର୍ଷଣ କରିବା ଆରମ୍ଭ କରିଦେଲେ । ଯଦ୍ୱାରା ଆପଣଙ୍କ ସାରା ଶରୀର ରକ୍ତରଞ୍ଜିତ ହୋଇଗଲା । ହଜରତ ଜୈଦ୍ ବିନ୍ ହାରସାଙ୍କ ମସ୍ତକରେ ମଧ୍ୟ ଆଘାତ ଲାଗିଥିଲା କାରଣ ସେ ହଜୁର ସ.ଅଙ୍କ ଶରୀରରେ ପଥର ନଲାଗିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଥିଲେ । ବରାବର ୩ମିଲ୍ ପର୍ଯ୍ୟନ୍ତ ସେମାନେ ଆପଣଙ୍କ ପଛରେ ଗାଳିଗୁଲଜ କରିବା ସହିତ ପଥର ବର୍ଷଣ କରିଚାଲିଥିଲେ ।

ତାଇଫ୍‌ରୁ ତିନି ମିଲ୍ ଦୂରରେ ମକ୍କାର ମୁଖୀଆ ଉତବା ବିନ୍ ରବିୟାଙ୍କର ଏକ ବଗିଚା ଥିଲା । ହଜୁର ସ.ଅ ଆସି ସେଠାରେ ଶରଣ ନେଲେ ଏବଂ ଅତ୍ୟାଚାରୀମାନେ ଥକିହାରୀ ଫେରିଗଲେ । ସେଠାରେ ଆପଣ ଏକ ବୃକ୍ଷ ଛାଇ ତଳେ ଛିଡ଼ା ହୋଇ ଅଲ୍ଲାଃଙ୍କ ଛାମୁରେ ପ୍ରାର୍ଥନା କଲେ, ହେ ପ୍ରଭୁ ! ନିଜର ଦୁର୍ବଳ ସାମର୍ଥ୍ୟ ଓ ସୀମିତ ଯୋଜନା ତଥା ଲୋକମାନଙ୍କ ମୁକାବିଲାରେ ନିଜ ଅସହାୟତାର ଅଭିଯୋଗ ତୁମ୍ଭ ନିକଟରେ ହିଁ କରୁଅଛି । **ହେ ପ୍ରଭୁ ! ତୁମ୍ଭେ ଅଶେଷ ଦୟାବାନ, ଦୁର୍ବଳ ଓ ନିରାଶ୍ରୟମାନଙ୍କର ତୁମ୍ଭେ ହିଁ ସାହା ଭରଷା । ତୁମ୍ଭେ ହିଁ ମୋର ପାଳନକର୍ତା, ମୁଁ ତୁମ ମୁଖର ପ୍ରକାଶର ଛାୟା ଲୋଡୁଅଛି କାରଣ ତୁମ୍ଭେ ହିଁ ଅନ୍ଧକାରକୁ ଦୂର କରି ମଣିଷକୁ ଇହ ଓ ପରକାଳର ସମୃଦ୍ଧିର ଉତରାଧିକାରୀ କରିଥାଅ ।**

ଉତବା ଓ ଶେବା ସେତେବେଳେ ସେହି ବଗିଚାରେ ଉପସ୍ଥିତ ଥିଲେ । ଯେତେବେଳେ ସେମାନେ ହଜୁର ସ.ଅର ଏପରି ଅବସ୍ଥା ଦେଖିଲେ ସଙ୍ଗେସଙ୍ଗେ ଦୂର ଓ ନିକଟ ସମ୍ପର୍କୀୟ ଅବା ଗୋଷ୍ଠୀଗତ ସମ୍ପର୍କର ଡ଼ୋରୀ ଅବା ଜଣା ନାହିଁ ଅନ୍ୟ କେଉଁ କାରଣ

ଯୋଗୁଁ ନିଜ ଖ୍ରୀଷ୍ଟ ଧର୍ମାବଲମ୍ବୀ ସେବକ ଅଦାସଙ୍କ ହସ୍ତରେ ଏକ ପାତ୍ରରେ କିଛି ଖଜୁରୁ ପଠାଇଲେ । ଆପଣ ତାହା ଗ୍ରହଣ କଲେ ଏବଂ ହଜୁର ଅଦାସଙ୍କୁ କହିଲେ ତୁମେ କେଉଁ ଅଂଚଳର ବାସିନ୍ଦା ? ଏବଂ କେଉଁ ଧର୍ମାବଲମ୍ବୀ ଅଟ ? ସେ କହିଲେ ମୁଁ ନୈନଓ୍ଵାର ବାସୀନ୍ଦା ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଟେ । ହଜୁର ସ.ଅ କହିଲେ କ'ଣ ସେହି ନୈନଓ୍ଵାର ଯାହାକି ଈଶ୍ୱରଙ୍କ ପୁଣ୍ୟବନ୍ତ ଭକ୍ତ ୟୁନୁସ୍ ବିନ୍ ମତାଙ୍କର ବାସସ୍ଥାଳି ଥିଲା ? ଅଦାସ କହିଲେ ହଁ ! କିନ୍ତୁ ଆପଣ ୟୁନୁସ ଅ.ସଙ୍କୁ କେମିତି ଜାଣନ୍ତି ? ହଜୁର କହିଲେ ସେ ମୋର ଭାଇ ଥିଲେ କାରଣ ସେ ଅଲ୍ଲାଃଙ୍କ ନବୀ ଥିଲେ ଓ ମୁଁ ମଧ୍ୟ ଅଲ୍ଲାଃଙ୍କ ନବୀ ଅଟେ । ତା'ପରେ ହଜୁର ତାଙ୍କୁ ଇସଲାମର ସନ୍ଦେସ ଦେଲେ । ଯାହା ତାଙ୍କୁ ପ୍ରଭାବିତ କରିଥିଲା, ସେ ଆଗକୁ ବଢି ନୈଷ୍ଠିକ ବିଶ୍ୱାସୀଙ୍କ ପରି ଆପଣଙ୍କ ହସ୍ତ ଚୁମ୍ବନ କଲେ । ଏହି ଦୃଶ୍ୟ ଦୂରରେ ଥାଇ ଉତବା ଓ ଶେବା ମଧ୍ୟ ଦେଖୁଥିଲେ । ଅତଏବ ଯେତେବେଳେ ଅଦାସ ସେମାନଙ୍କ ନିକଟକୁ ଫେରି ଆସିଲେ ସେତେବେଳେ ସେମାନେ କହିଲେ ଅଦାସ ତୁମକୁ କ'ଣ ହୋଇଗଲା ତୁମେ ସେହି ବ୍ୟକ୍ତିର ହାତ କାହିଁକି ଚୁମ୍ବନ କଲ । ସେ ତ ତୁମ ଧର୍ମକୁ ଅସୁଧ କରିଦେବ ଯେତେବେଳେ କି ତୁମ ଧର୍ମ ତାଙ୍କ ଧର୍ମ ଠାରୁ ଶ୍ରେୟସ୍କର ।

ହଜରତ ଜୈଦ ଯେତେବେଳେ ପ୍ରବାସ କରି ମଦିନା ପହଂଚିଲେ, ହଜରତ ମହମ୍ମଦ ସ.ଅ ଆପଣଙ୍କ ଭାତୃ ସମ୍ପର୍କ ହଜରତ ଉସେଦ ବିନ୍ ହଜିରଙ୍କ ସହିତ କରାଇଥିଲେ । କେତେକ ଉଲ୍ଲେଖ କରିଛନ୍ତି ଯେ ହଜରତ ମହମ୍ମଦ ସ.ଅ ଆପଣଙ୍କ ଭାତୃ ସମ୍ପର୍କ ହଜରତ ହମଯାଃଙ୍କ ସହିତ ସ୍ଥାପନ କରିଥିଲେ । ଅର୍ଥାତ ହଜରତ ହମଜାଃଙ୍କୁ ଆପଣଙ୍କ ଭ୍ରାତୃ କରିଥିଲେ । ଏହି କାରଣରୁ ଓ୍ଵହଦ ଯୁଦ୍ଧ ଦିନ ହଜରତ ହମଜାଃ ଯୁଦ୍ଧ ସମୟରେ ହଜରତ ଜୈଦଙ୍କୁ ନିଜର ଉତରାଧିକାରୀ କରିଥିଲେ । ଏଥିସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ୍ ଖାତମୁନ୍ ନବୀଇନ୍‌ରେ ଅଧିକ ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି–

ମଦିନା ପହଂଚିବାର କିଛି ଦିନର ଅନ୍ତରରେ ହଜରତ ମହମ୍ମଦ ସ.ଅ ହଜରତ ଜୈଦ ବିନ ହାରସାଙ୍କୁ କିଛି ଅର୍ଥ ପ୍ରଦାନ କରି ମକ୍କା ପ୍ରେରଣ କରିଥିଲେ, ସେ କିଛି ଦିନ ମଧ୍ୟରେ ହଜୁର ସ.ଅଙ୍କ ପରିବାରର ସଦସ୍ୟବୃନ୍ଦଙ୍କୁ ସୁରକ୍ଷିତ ସାଥିରେ ନେଇ ମଦିନା ଫେରି ଆସିଥିଲେ ।

ହଜରତ ଜୈଦ ବିନ୍ ହାରସା ହଜରତ ଉମ୍ମେ ଅଏମନ୍‌ଙ୍କ ସହ ବିବାହ କରିଥିଲେ । ସେ ନିଜ ପୁତ୍ର ଅଏମନ୍‌ଙ୍କ ଯୋଗୁଁ ଉମ୍ମେ ଅଏମନ୍ ନାମରେ ସୁପ୍ରସିଦ୍ଧ ଥିଲେ । ସେ ହବଶାର ବାସୀନ୍ଦା ଥିଲେ ଏବଂ ହଜୁର ସ.ଅଙ୍କ ପିତା ହଜରତ ଅବଦୁଲ୍ଲାଃଙ୍କର ଦାସୀ ଥିଲେ । ତାଙ୍କ ଦେହାନ୍ତ ପରେ ସେ ହଜରତ ଆମିନାଙ୍କ ସହିତ ରହୁଥିଲେ । ଯେତେବେଳେ ହଜୁର ସ.ଅଙ୍କର ବୟସ ୬ବର୍ଷ ଥିଲା ସେତେବେଳେ ଆପଣଙ୍କ ପୂଜ୍ୟ ମାତା ଆପଣଙ୍କୁ ସାଥିରେ ନେଇ ନିଜ ବାପଘର ଅର୍ଥାତ ମଦିନା ଯାଇଥିଲେ, ସେତେବେଳେ ମଧ୍ୟ ଉମ୍ମେ ଅଏମନ୍ ଆପଣଙ୍କ ସାଥିରେ ଥିଲେ ଏବଂ ସେ କମ୍ ବୟସ୍କ ଦାସୀ ଥିଲେ । ଫେରିବା ସମୟରେ ହଜରତ ଆମିନାଙ୍କର କାଳ ହେଲା, ହଜରତ ଉମ୍ମେ ଅଏମନ୍ ହଜୁର ସ.ଅଙ୍କୁ ସେହି ଦୁଇ ଓଟରେ ମକ୍କା ଫେରାଇ ଆଣିଥିଲେ ଯେଉଁଥିରେ ସେମାନେ ମଦିନା ଅଭିମୁଖେ ଯାତ୍ରା କରିଥିଲେ । ହଜରତ ମହମ୍ମଦ ସ.ଅଙ୍କ ନବୀ ହେବାର ଘୋଷଣା କରିବା ପୂର୍ବରୁ ମକ୍କାରେ ହଜରତ ଉମ୍ମେ ଅଏମନ୍‌ଙ୍କ ବିବାହ ଅବିଦ୍ ବିନ୍ ଜୈଦଙ୍କ ସହ ହୋଇଥିଲା, ଯେ ସ୍ୱୟଂ ଜଣେ ହବଶାର ଦାସ ଥିଲେ । ତାଙ୍କ ଔରସରୁ ଅଏମନ୍ ଜନ୍ମ ଗ୍ରହଣ କରିଥିଲା । ହଜରତ ଅଏମନ୍ ହୁନେନ୍ ଯୁଦ୍ଧରେ ଶହିଦ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଯେତେବେଳେ ହଜରତ ଉମ୍ମେ ଅଏମନ୍‌ଙ୍କ ସ୍ୱାମୀଙ୍କ କାଳ ହେଲା ସେତେବେଳେ ଆପଣଙ୍କ ବିବାହ ହଜରତ ଜୈଦଙ୍କ ସହ ହୋଇଗଲା । ଆଉ ଏକ ରେଓ୍ଵାୟତ୍ ଅନୁଯାୟୀ ହଜରତ ଉମ୍ମେ ଅଏମନ୍ ହଜୁର ସ.ଅଙ୍କ ସହ ଅତ୍ୟନ୍ତ ମମତାମୟୀ ଆଚରଣ ପ୍ରଦର୍ଶନ କରିବା ସହିତ ଆପଣଙ୍କର ବେଶ୍ ଯତ୍ନ ନିଅନ୍ତି । ହଜରତ ମହମ୍ମଦ ସ.ଅ କହିଲେ– **ଯେ ବୈକୁଣ୍ଠବାସୀ ମହିଳାଙ୍କ ସହ ବିବାହ କରି ଆନନ୍ଦିତ ହେବାକୁ ଇଚ୍ଛା କରୁଛନ୍ତି ତେବେ ତାହାକୁ ଆବଶ୍ୟକ କି ସେ ଉମ୍ମେ ଅଏମନ୍‌ଙ୍କ ସହ ବିବାହ କରିନିଅନ୍ତୁ** । ଅତଏବ ହଜରତ ଜୈଦ ବିନ୍ ହାରସା ତାଙ୍କ ସହ ବିବାହ କରିନେଲେ ଯାହାଙ୍କ ଔରଷରୁ ହଜରତ ଉସାମା ବିନ୍ ଜୈଦ ଜନ୍ମ ଗ୍ରହଣ କରିଥିଲେ । ହଜରତ ଉମ୍ମେ ଅଏମନ୍ ମୁସଲମାନମାନଙ୍କ ସହିତ ହବଶା ପ୍ରବାସ କରିଥିଲେ । ସେଠାରୁ ସେ ମଦିନା ଫେରିଥିଲେ ଏବଂ ଓ୍ଵହଦ୍ ଯୁଦ୍ଧରେ ସାମିଲ ହୋଇ ମୁସଲମାନମାନଙ୍କୁ ପାଣି ପିଆଇବା ଓ କ୍ଷତବିକ୍ଷତ ଲୋକମାନଙ୍କର ଉପଚାର କରିବା ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ । ତାଙ୍କୁ ଖୈବର ଯୁଦ୍ଧରେ ମଧ୍ୟ ଯୋଗଦେବାର ସୌଭାଗ୍ୟ ପ୍ରାପ୍ତି ହୋଇଥିଲା । ୨୩ ହିଜରୀରେ ଯେତେବେଳେ ହଜରତ ଉମର ଶହିଦ୍ ହେଲେ ସେତେବେଳେ ହଜରତ ଉମ୍ମେ ଅଏମନ୍ ଖୁବ୍ ରୋଦନ କରିଥିଲେ । ଲୋକମାନେ ତାଙ୍କୁ ପଚାରିଲେ ତୁମେ କାହିଁକି କାନ୍ଦୁଛ ? ସେ ଉତର ଦେଲେ ହଜରତ ଉମରଙ୍କ ସହିଦ ହେବା ଫଳରେ ଇସଲାମ ଦୁର୍ବଳ ହୋଇଯାଇଛି । ହଜରତ ଉମ୍ମେ ଅଏମନ୍‌ଙ୍କ ଦେହାନ୍ତ ହଜରତ ଉସମାନ ର.ଅଙ୍କ ଖିଲାଫତ୍‌ର ପ୍ରାରମ୍ଭିକ କାଳରେ

ଘଟିଥିଲା ।

ହଜରତ ଅନସ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି- ଯେତେବେଳେ ମୁହାଜରିନ୍ (ପ୍ରବାସକାରୀ) ମକ୍କାରୁ ମଦିନା ଆସିଲେ ଏବଂ ସେମାନେ ହସ୍ତ ଶୂନ୍ୟ ଥିଲେ, ଯେତେବେଳେ କି ଅନସାର ଜମିଜୁମା ଓ ଧନ ସମ୍ପତିର ମାଲିକ ଥିଲେ । **ସେତେବେଳେ ଅନସାର୍‌ମାନେ ପ୍ରତିଜ୍ଞା କରିଥିଲେ କି ଆମେ ପ୍ରତ୍ୟେକ ବର୍ଷ ନିଜ ବଗିଚାର ଫଳ ମୁହାଜରିନ୍‌ଙ୍କୁ ପ୍ରଦାନ କରିବୁ । କିନ୍ତୁ ବଗିଚାରେ କାମଧନ୍ଦା ଆମେ ସ୍ୱୟଂ କରିବୁ** । ହଜରତ ଅନସ୍‌ଙ୍କ ମାତା ହଜରତ ଉମ୍ମେ ସଲିମ୍ ହଜୁର ସ.ଅଙ୍କୁ କିଛି ଖଜୁରୁ ଗଛ ଉପହାର ସ୍ୱରୂପ ପ୍ରଦାନ କରିଦେଇଥିଲେ । ହଜୁର ସ.ଅ ଉକ୍ତ ଗଛଗୁଡ଼ିକୁ ହଜରତ ଉମ୍ମେ ଅଏମନ୍‌ଙ୍କୁ ପ୍ରଦାନ କରିଦେଇଥିଲେ । ଯେତେବେଳେ ହଜୁର ସ.ଅ ଖୈବର ଯୁଦ୍ଧରୁ ମଦିନା ଫେରିଲେ ସେତେବେଳେ ମୁହାଜରିନ୍ ଅନସାରମାନଙ୍କୁ ସେମାନଙ୍କ ଉପହାର ଫେରସ୍ତ କରିଦେଇଥିଲେ । ହଜୁର ସ.ଅ ମଧ୍ୟ ହଜରତ ଅନସ୍‌ଙ୍କ ଖଜୁରୁ ଗଛ ଫେରାଇ ଦେଇଥିଲେ ଏବଂ ହଜରତ ଉମ୍ମେ ଅଏମନ୍‌ଙ୍କୁ ନିଜ ବଗିଚାରୁ କିଛି ଗଛ ପ୍ରଦାନ କରିଥିଲେ ।

ଆଉ ଏକ ବର୍ଣ୍ଣନା ମିଳୁଅଛି ଯେ ହଜରତ ଉମ୍ମେ ଅଏମନ୍ ମଦିନା ଅଭିମୁଖେ ପଦଯାତ୍ରା କରିବା ସମୟରେ ତାଙ୍କୁ ଖୁବ୍ ଜୋରରେ ଶୋଷ ଲାଗିଥିଲା ଏବଂ ସେତେବେଳେ ସେ ବାର୍ଦ୍ଧକ୍ୟ ଅବସ୍ଥାରେ ମଧ୍ୟ ପର୍ଦାପଣ କରିସାରିଥିଲେ । ଅଲ୍ଲାଃଙ୍କ ସହ ତାଙ୍କର ଏକ ବିଶେଷ ସମ୍ପର୍କ ଥିଲା । ସେତେବେଳେ ଆପଣଙ୍କ ନିକଟରେ ଜଳ ମଧ୍ୟ ନଥିଲା ଏବଂ ଗ୍ରୀଷ୍ମତାପ ପ୍ରଖର ଥିଲା । ସେ ନିଜ ମୁଣ୍ଡ ଉପରେ କୌଣସି ବସ୍ତୁର ଧ୍ୱନି ଶୁଣିବାକୁ ପାଇଲେ, ସେହିଆଡ଼କୁ ଚାହିଁବାରୁ ଦେଖିଲେ ଯେ ଆକାଶ ମାର୍ଗରୁ ଏକ ପାତ୍ର ପରି ବସ୍ତୁ ଅବତୀର୍ଣ୍ଣ ହେଉଅଛି ଯେଉଁଥିରୁ ଜଳ ପରି ଧବଳ ତରଳବୁନ୍ଦା ପଡୁଅଛି । ସେ ତାହା ପାନ କରି ନିଜ ତୃଷ୍ଣା ନିବାରଣ କଲେ ଏବଂ ତୃପ୍ତ ହୋଇଗଲେ । **ସେ କୁହନ୍ତି ସେବେଠାରୁ ମୋତେ କଦାପି ତୃଷ୍ଣା ଅନୁଭବ ହୋଇ ନାହିଁ । କଦାଚିତ ଉପବାସରେ ତୃଷ୍ଣା ଅନୁଭବ ହେଲେ ମଧ୍ୟ ମୁଁ ଶୋଷିଲା ରହିନଥିଲି** । ହଜରତ ଉମ୍ମେ ଅଏମନ୍‌ଙ୍କ କହିବାରେ କିଛି ଅଂଶ ଖନେଇବାପଣ (ଅସ୍ପଷ୍ଟ ଉଚ୍ଚାରଣ) ରହିଥିଲା ଯେତେବେଳେ ସେ କାହାରି ନିକଟକୁ ଯାନ୍ତି ଏବଂ ଅସ୍ପଷ୍ଟ ଉଚ୍ଚରାଣ ଯୋଗୁଁ **ସଲାମୁଲ୍ଲାଃ ଆଲୈକୁମ୍** କହୁଥିଲେ । ହଜୁର ସ.ଅ ତାଙ୍କୁ ସଲାମୁଲ୍ଲାଃ ଆଲୈକୁମ୍ କହିବା ପରିବର୍ତ୍ତେ **ସଲାମୁନ୍ ଅଲୈକୁମ୍** କହିବାର ଅନୁମତି ପ୍ରଦାନ କରିଥିଲେ ଏବଂ ବର୍ତମାନ ସୁଧା ତାହା ପ୍ରଚଳିତ ରହିଛି ।

ହଜରତ ଅନସ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି- ଏକଦା ହଜୁର ସ.ଅଙ୍କ ଦେହାନ୍ତ ପରେ ହଜରତ ଅବୁବକର ହଜରତ ଉମର ର.ଅଙ୍କୁ କହିଲେ ଆମ ସହିତ ହଜରତ ଉମ୍ମେ ଅଏମନ୍‌ଙ୍କ ଘରକୁ ଚାଲ, ତାଙ୍କୁ ସାକ୍ଷାତ କରିବା ଯେପରି ହଜୁର ସ.ଅ ତାଙ୍କ ଘରକୁ ଯାଇ ସାକ୍ଷାତ କରୁଥିଲେ । ଯେତେବେଳେ ଆମେ ଯାଇ ତାଙ୍କ ଘରେ ପହଂଚିଲୁ, ସେ ଆମକୁ ଦେଖି କାନ୍ଦି ଉଠିଲେ । ଏଥିରେ ଉକ୍ତ ସାହାବା ଦ୍ୱୟ କହିଲେ ଆପଣ କାହିଁକି କାନ୍ଦୁଛନ୍ତି, ଯାହା କିଛି ଅଲ୍ଲାଃଙ୍କ ନିକଟରେ ଅଛି ତାହା ତାଙ୍କ ରସୁଲଙ୍କ ପାଇଁ ଉତ୍କୃଷ୍ଟତର । ହଜରତ ଉମ୍ମେ ଅଏମନ୍ କହିଲେ ମୁଁ ଏଥିପାଇଁ କାନ୍ଦୁଛି ଯେ ବର୍ତମାନ ଈଶ୍ୱରଙ୍କ ନିକଟରୁ ଐଶୀବାଣୀ ଅବତୀର୍ଣ୍ଣ ହେବା ବନ୍ଦ ହୋଇଯାଇଛି । ଏପରି ସେ ଉକ୍ତ ସାହାବା ଦ୍ୱୟଙ୍କୁ ମଧ୍ୟ କନ୍ଦେଇ ଦେଲେ ଏବଂ ସେମାନେ କ୍ରନ୍ଦନ କରିବାକୁ ଲାଗିଲେ ।

ହଜୁର ଅନୱର ଅ.ବ କହିଲେ- ହଜରତ ଜୈଦ ହଜୁର ସ.ଅଙ୍କ ସ୍ୱାଧୀନ ଦାସ ଓ ପାଳିତ ପୁତ୍ର ଥିଲେ । ଆପଣ ହଜରତ ଜୈଦଙ୍କ ଦ୍ୱିତୀୟ ବିବାହ ହଜରତ ଜୈନବ୍ ବିନତ୍ ଜହଶ୍‌ଙ୍କ ସହ କରିଥିଲେ କିନ୍ତୁ ଏହି ବିବାହ ଅଧିକ ସମୟ ପ୍ରର୍ଯ୍ୟନ୍ତ ତିଷ୍ଠି ରହିପାରି ନଥିଲା । ହଜରତ ଜୈଦ ହଜରତ ଜୈନବ୍‌ଙ୍କୁ ତଲାକ ଦେଇଥିଲେ । ଉକ୍ତ ବିବାହ ବନ୍ଧନ ଏକ ବର୍ଷ ଅବା ତାଠାରୁ କିଛି ଅଧିକ ସମୟ ରହିଥିଲା । ତା'ପରେ ହଜୁର ସ.ଅ ସ୍ୱୟଂ ହଜରତ ଜୈନବ୍‌ଙ୍କ ସହ ବିବାହ କରିଥିଲେ ।

ହଜୁର ଅନୱର ଅ.ବ ସିରତ୍ ଖାତମୁନ୍ ନବୀୟିନ୍‌ରୁ ଉକ୍ତ ଘଟଣାର ବିସ୍ତାର ବିବରଣୀ ବର୍ଣ୍ଣନା କରି କହିଲେ- ହଜରତ ଜୈନବ୍ ହଜୁର ସ.ଅଙ୍କ ଫୁପୁ ହଜରତ ଅମିମା ବିନତ୍ ଅବଦୁଲ୍ ମୁତଲିବ୍‌ଙ୍କ କନ୍ୟା ଥିଲେ ଏବଂ ଅତ୍ୟନ୍ତ ଉଚ୍ଚ ସ୍ତରର ପୁଣ୍ୟବନ୍ତ ଓ ଧର୍ମନିଷ୍ଠ ହେବା ସତ୍ୱେ ତାଙ୍କ ଭିତରେ ନିଜ ଉଚ୍ଚ ଆଭିଜାତ୍ୟର ଅହଂକାର ମଧ୍ୟ କିଛି ମାତ୍ରାରେ ରହିଥିଲା । ହଜୁର ସ.ଅ ନିଜର ଏହି ପ୍ରିୟ ଭଉଣୀଙ୍କର ବିବାହ ନିଜ ସ୍ୱାଧୀଣ ଦାସ ହଜରତ ଜୈଦ ବିନ୍ ହାରସାଙ୍କ ସହ କରିବାର ନିଷ୍ପତି କରିଥିଲେ । ପ୍ରଥମେ ତ ହଜରତ ଜୈନବ୍ ନିଜ ଉଚ୍ଚ ଆଭିଜାତ୍ୟ ଯୋଗୁଁ ଉକ୍ତ ପ୍ରସ୍ତାବକୁ ପସନ୍ଦ କରିନଥିଲେ କିନ୍ତୁ ଶେଷରେ ହଜୁର ସ.ଅଙ୍କ ଏହି ସମ୍ପର୍କ ବାନ୍ଧିବାର ପ୍ରବଳ ଆଗ୍ରହ ଦେଖି ନିଜର ସହମତି ପ୍ରକାଶ କରିଥିଲେ । ସେ ଯାହା ହେଉ ହଜୁର ସ.ଅଙ୍କ ସିକୃତୀ ଓ ଇଚ୍ଛା ଅନୁଯାୟୀ ଜୈନବ୍ ଓ ଜୈଦଙ୍କର ବିବାହ ସମ୍ପର୍ଣ୍ଣ ହୋଇଥିଲା ଏବଂ ହଜରତ ଜୈନବ୍ ଉକ୍ତ ସମ୍ପର୍କକୁ ମଧ୍ୟ ସମସ୍ତ ଦିଗରୁ ପବିତ୍ର ମନରେ ସମ୍ପାଦନ କରିବାକୁ

ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କ ହୃଦୟରେ ଏହି ଅଭିଳାଷା ମଧ୍ୟ ବାକି ରହିଯାଇଥିଲା କି ମୁଁ ଏକ ସମ୍ମାନସ୍ପଦ ପରିବାରର ଏବଂ ଅପରପକ୍ଷେ ହଜରତ ଜୈଦଙ୍କୁ ମଧ୍ୟ ତାଙ୍କ ତୁଳନାରେ ନିଜ ନିମ୍ନ ବର୍ଗର ହେବାର କଥା ଘାରୁ ଥିଲା । ଏହି ଚିନ୍ତାଧାରା ଧିରେ ଧିରେ ବଳଶାଳୀ ହୋଇ ସେମାନଙ୍କ ବୈବାହିକ ଜୀବନକୁ ସ୍ୱାଦହୀନ ଓ ବେରଙ୍ଗ କରିଦେଲା ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ହୋଇଚାଲିଲା । ଯେତେବେଳେ ଏହି ମନମାଳିନ୍ୟତା ବଢ଼ିଚାଲିଲା ସେତେବେଳେ ହଜରତ ଜୈଦ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ ଅଭିଯୋଗ କଲେ କି ଜୈନବ୍ ତାଙ୍କ ସହ କଠୋର ଭାଷାରେ ଆଚରଣ କରୁଛନ୍ତି । ତେଣୁ ମୁଁ ତାଙ୍କୁ ତଲାକ ଦେବାକୁ ଚାହେଁ । ହଜରତ ମହମ୍ମଦ ସ.ଅ ଜୈଦଙ୍କୁ ତଲାକ ଦେବାକୁ ବାରଣ କଲେ ଏବଂ ଉପଦେଶ ଦେଲେ କି ଅଲ୍ଲାଃଙ୍କୁ ଭର କର ଏବଂ ଯେଭଳି ସମ୍ଭବ ଉକ୍ତ ସମ୍ପର୍କକୁ ବଜାୟ ରଖ ।

ହଜରତ ମହମ୍ମଦ ସ.ଅଙ୍କର ଏହି ଉପଦେଶ ନିକଟରେ ଜୈଦ ମୁଣ୍ଡ ନୁଆଇ ନିରବତାର ସହ ଫେରିଆସିଥିଲେ । କିନ୍ତୁ ଆଉ ଉଭୟଙ୍କ ସ୍ୱଭାବ ମିଶିବା କଷ୍ଟସାଧ୍ୟ ଥିଲା । ଉଭୟଙ୍କ ମଧ୍ୟରେ ସୁଦୃଢ ଓ ଉଚ୍ଚ ପାଚେରୀ ଛିଡ଼ା ହୋଇ ସାରିଥିଲା ଏବଂ ଯେଉଁ ମନ ମିଶିବାର ନଥିଲା ତାହା ଆଉ ମିଶି ପାରିଲା ନାହିଁ । ବସ୍ତୁତଃ କିଛିଦିନ ପରେ ଜୈଦ ତାଙ୍କୁ ତଲାକ ଦେଇଦେଲେ । ଯେତେବେଳେ ଜୈନବ୍ଙ୍କର ଇଦତ୍ (ଧାର୍ଯ୍ୟ ଅବଦ୍ଧି) ଶେଷ ହୋଇଗଲା ସେତେବେଳେ ତାଙ୍କ ବିବାହ ସମ୍ବନ୍ଧରେ ହଜୁର ସ.ଅଙ୍କ ଉପରେ ଦୈବୀବାଣୀ ଅବତୀର୍ଣ୍ଣ ହେଲା କି ଆପଣ ତାଙ୍କ ସହ ବିବାହ କରିନିଅନ୍ତୁ । ଏହି ଐଶୀ ନିର୍ଦ୍ଦେଶରେ କେବଳ ଏହି ରହସ୍ୟ ଅନ୍ତର୍ନିହିତ ନଥିଲା କି ଏତତ୍ ଦ୍ୱାରା ହଜରତ ଜୈନବ୍ଙ୍କୁ ତାଲକ ଯୋଗୁଁ ଯେଉଁ ପୀଡ଼ା ପହଂଚିଥିଲା ସେଥିରୁ ସେ ଓହରି ପାରିବେ ଏବଂ ମୁସଲମାନମାନେ ତଲାକ ପ୍ରାପ୍ତ ମହିଳାଙ୍କୁ ପୁନଃ ବିବାହ କରିବାକୁ କୌଣସି କଳୁଷିତ କାର୍ଯ୍ୟ ମଣିବେ ନାହିଁ ବରଂ ମୂଖ୍ୟ ଉଦ୍ଦେଶ୍ୟ ଏହା ଥିଲା କି ଯେହେତୁ ହଜରତ ଜୈଦ୍ ହଜୁର ସ.ଅଙ୍କର ପାଳିତ ପୁତ୍ର ଥିଲେ ତେଣୁ ଯେତେବେଳେ ସ୍ୱୟଂ ଆପଣ ତାଙ୍କର ତଲାକ ଦେଇଥିବା ମହିଳାଙ୍କୁ ବିବାହ କରିନିଅନ୍ତି ତେବେ ଏହା ମୁସଲମାନମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇବ ଯେ ପାଳିତ ପୁତ୍ର ରକ୍ତ ସମ୍ପର୍କିତ ପୁତ୍ର ସମତୁଲ୍ୟ ନୁହଁ ଏବଂ ନା ସେ ନିଜ ଔରସରୁ ଜନ୍ମିତ ପୁତ୍ର ପରି ତାହା (ସମ୍ପତିର) ଉତରାଧିକାରୀ ହୋଇଥାଏ ତଥା ଆସନ୍ତା ପାଇଁ ଆରବମାନଙ୍କ ମଧ୍ୟରେ ଯେଉଁ ମନ୍ଦ ପ୍ରଥା ପ୍ରଚଳିତ ହୋଇଆସୁଥିଲା ତାହାର ମୂଳୋତ୍ପାଟନ ହୋଇଯିବ ।

ବସ୍ତୁତଃ ଆପଣ ହଜରତ ଜୈନବ୍ଙ୍କ ସହ ବିବାହ କରିବାର ନିଷ୍ପତି ନେଲେ ଏବଂ ହଜରତ ଜୈଦଙ୍କ ହାତରେ ଏହି ପ୍ରସ୍ତାବ ହଜରତ ଜୈନବ୍ଙ୍କ ନିକଟକୁ ପଠାଇଲେ । ହଜରତ ଜୈନବ୍ଙ୍କ ନିକଟରୁ ସହମତି ପାଇବା ପରେ ତାଙ୍କ ଭାଇ ଅବୁ ଅହମଦ ବିନ୍ ଜହଶ୍ଙ୍କୁ ଓଲି କରାଇ ୪୦୦ଦିରହମ୍ରେ ହଜୁର ହଜରତ ଜୈନବ୍ଙ୍କ ସହିତ ବିବାହ କରିନେଲେ । ଏପରି ସେହି ପ୍ରାଚିନ ପ୍ରଥା ଯାହାକି ଆରବ ଧରା ପୃଷ୍ଠରେ ପ୍ରଚଳିତ ଥିଲା ହଜୁର ସ.ଅଙ୍କ ନିଜସ୍ୱ ନମୁନା ଦ୍ୱାରା, ଇସଲାମ ତାହାର ମୂଳୋତ୍ପାଟନ କରିଦେଲା ।

ଏହି ସ୍ଥାନରେ ଏହି ଚର୍ଚ୍ଚା ମଧ୍ୟ ଜରୁରୀ କି ସାଧାରଣ ଔପନ୍ୟାସିକ ଓ ଐତିହାସିକଙ୍କ ମତରେ ଯେହେତୁ ହଜରତ ଜେନବ୍ଙ୍କ ବିବାହ ମାମଲାରେ ଐଶ୍ୱୀବାଣୀ ଅବତୀର୍ଣ୍ଣ ହୋଇଥିଲା ଏବଂ ଅଲ୍ଲାଃଙ୍କ ବିଶେଷ ନିର୍ଦ୍ଦେଶ କ୍ରମେ ଏହି ବିବାହ ସମ୍ପର୍ଣ୍ଣ ହୋଇଥିଲା । ତେଣୁ ପ୍ରତ୍ୟକ୍ଷ ଭାବରେ ଉକ୍ତ ବିବାହ କର୍ମ (ପାରମ୍ପରିକ ରୀତିରେ) ସମ୍ପର୍ଣ୍ଣ ହୋଇନଥିଲା । କିନ୍ତୁ ଏହି ଧାରଣା ଠିକ୍ ନୁହେଁ କାରଣ ବୁଖାରୀରେ ବର୍ଣ୍ଣିତ ରହିଛି କି ଅଲ୍ଲାଃଙ୍କ ଆଦେଶ ସତ୍ୱେ ଏହି ବିବାହ ପାରମ୍ପରିକ ରୀତିରେ ସମ୍ପର୍ଣ୍ଣ ହୋଇଥିଲା ଏବଂ ବୁଦ୍ଧି ବିବେକ ମଧ୍ୟ ଏହା ଆବଶ୍ୟକ କରୁଥିଲା କି ଏହିପରି ହିଁ ଘଟୁ । କାରଣ ପ୍ରଥମତଃ ଏଥିରେ ଭିନ୍ନ ପ୍ରଥା ଆପଣାଇବାର କୌଣସି କାରଣ ନଥିଲା ଏବଂ ଦ୍ୱିତୀୟତଃ ସେହି ପ୍ରଥାର ଭଙ୍ଗ କରିବା ଓ ତାହାର ପ୍ରଭାବକୁ ଦୂର କରିବା ଉଦ୍ଦେଶ୍ୟ ଥିଲା । ଆରବରେ ଏହା ଏକ ବଡ଼ ଓ ସୁଦୃଢ଼ ପ୍ରଚଳିତ ପ୍ରଥା ଥିଲା ଯେ ପାଳିତ ପୁତ୍ରର ପତ୍ନୀ ସହ ବିବାହ ସମ୍ଭବ ନୁହେଁ । **ତେଣୁ ଏଥିପାଇଁ ବିଶେଷ ସ୍ତରୀୟ ଆବଶ୍ୟକ ଥିଲା କି ଏହି ବିବାହ ଚର୍ତୁଦିଗ ଘୋଷଣା କରି ସର୍ବସାଧାରଣଙ୍କ ଉପସ୍ଥିତିରେ ସମ୍ପାଦନ ହେଉ ଯଦ୍ୱାରା ସମଗ୍ର ବିଶ୍ୱବାସୀ ଜାଣି ପାରିବେ କି ଆଜି ଉକ୍ତ ମନ୍ଦ ରୀତିପ୍ରଥାର ମୂଳୋତ୍ପାଟନ ହେଉଅଛି ।**

ଖୁତବା ଜୁମାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ଜୈଦଙ୍କ ସମ୍ବନ୍ଧରେ ଆଉ କେତେକ ତଥ୍ୟ ରହିଯାଇଛି ଯାହାକି ଆସନ୍ତାରେ ବର୍ଣ୍ଣନା କରିବି..

Khulasa Khutba Juma Huzoor Anwar a.b.a

14th June 2019